# Press statement on the release of the seven Indian nationals in Libya

October 12, 2020

## ଲିବିୟାରେ ଅପହୃତ ସାତ ଜଣ ଭାରତୀୟ ନାଗରିକଙ୍କ ମୁକ୍ତି ସମ୍ପର୍କରେ ପ୍ରେସ ବିବୃତ୍ତି

**ଅକ୍ଟୋବର** 12, 2020

ଆମେ ସୂଚନା ଦେଇ ଆନନ୍ଦିତ ଯେ 14 ସେପ୍ଟେମ୍ବରରେ ଲିବିୟାର ଅଶ୍ୱେରିଫରେ ଅପହରଣ ହୋଇଥିବା ସାତ ଜଣ ଭାରତୀୟ ନାଗରିକଙ୍କୁ 11 ଅକ୍ଟୋବରରେ ମୁକ୍ତ କରାଯାଇଛି।

ଅପହରଣକାରୀଙ୍କ ଦ୍ୱାରା ଭାରତୀୟ ନାଗରିକଙ୍କୁ ଅଲ ଶୋଲା ଅଲ ମୁଦିଆ କମ୍ପାନୀକୁ ହସ୍ତାନ୍ତର କରିବା ପରେ ଟ୍ୟୁନିସିଆରେ ଆମର ରାଷ୍ଟ୍ରଦୂତ ଶ୍ରୀ ପୁନୀତ ରଏ କୁଣ୍ଡଲ ସେମାନଙ୍କ ସହିତ ଫୋନରେ କଥା ହୋଇଥିଲେ। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଅଛି ଏବଂ ସେମାନେ ସମ୍ପ୍ରତି କମ୍ପାନୀର ବ୍ରେଗା ପରିସରରେ ଅଛନ୍ତି। ସେମାନଙ୍କର ଭାରତକୁ ଫେରିବା ପାଇଁ ଆମେ ଆବଶ୍ୟକ ଉପଚାରିକତା ପୂରଣ କରିବାକୁ ପ୍ରଚେଷ୍ଟା ଜାରି ରଖିଛୁ।

ବିୟା ସରକାର ଏବଂ ସେହି ଅଞ୍ଚଳର ବୟଜେଷ୍ଠ ଆଦିବାସୀ ନେତାଙ୍କ ନିରନ୍ତର ସହଯୋଗ ଯୋଗୁ ଆମ ନାଗରିକମାନଙ୍କର ବିନା କୌଣସି କ୍ଷତି ଘଟି ମୁକ୍ତି ହୋଇଥିବାରୁ ଆମେ ସାଧୁବାଦ ଜଣାଉଛୁ। ଟ୍ୟୁନିସିଆରେ ଆମର ରାଷ୍ଟ୍ରଦୂତ ଏବଂ ଆମର ସ୍ଥାନୀୟ ଦୂତାବାସ କର୍ମଚାରୀମାନେ ଏହି ସଙ୍କଟ ସମୟରେ ସେମାନଙ୍କ ଏବଂ କମ୍ପାନୀ ସହିତ ନିରନ୍ତର ଯୋଗାଯୋଗରେ ଥିଲେ।

ରତର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଦୋହରାଇବାକୁ ଚାହୁଁଛିଯେ ସୁରକ୍ଷା ପରିସ୍ଥିତି ଯୋଗୁ ମଇ 2016 ରୁ ଉଦ୍ଦେଶ୍ୟ ନିର୍ବିଶେଷରେ ଭାରତୀୟ ନାଗରିକଙ୍କ ଲିବିୟାକୁ ଯାତ୍ରା ନିଷେଧ କରାଯାଇଛି।

**ନୂଆଦିଲ୍ଲୀ**
**ଅକ୍ଟୋବର 12, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.